**Publication:** Darshan
**Date:** 27/08/2016
**Edition:** Bhubaneswar
**Page No:** 8
**Headline:** Sai International winners of TCS IT Wiz

# ନ୍ୟାସନାଲ୍ ଫାଇନାଲ୍‌ରେ ପ୍ରତିନିଧିତ୍ୱ କରିବେ ଟିସିଏସ୍ ଆଇଟି ଓ୍ୱିଜ୍ ବିଜେତା



ଭୁବନେଶ୍ୱର,୨୯।୮ : ପ୍ରମୁଖ ଆଇଟି ସେବା, କନ୍‌ସଲ୍‌ଟିଂ ଓ ବ୍ୟବସାୟ ପ୍ରତିଷ୍ଠାନ, ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ ଦ୍ୱାରା ଆୟୋଜିତ ଭାରତର ସର୍ବବୃହତ ଆନ୍ତଃବିଦ୍ୟାଳୟ କ୍ୱିଜ୍, ଟିସିଏସ୍ ଆଇଟି ଓ୍ୱିଜ୍‌ର ଭୁବନେଶ୍ୱର ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଜୟଦେବ ବିହାରସ୍ଥିତ ଜୋ/୭, ପାଲ୍ ହାଇଟ୍‌ସ ରେ ଅଗଷ୍ଟ ୨୬, ଶୁକ୍ରବାର ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୧୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଷ୍ଟମରୁ ଦ୍ୱାଦଶ ମଧ୍ୟରେ ପଢୁଥିବା ସବୁ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଟିସିଏସ୍ ଆଇଟି ଓ୍ୱିଜ୍ ଖୋଲା ରହିଥିଲା। ଏଥିପାଇଁ କୌଣସି ପ୍ରବେଶ ଫି’ ଦେବାକୁ ପଡ଼ିନଥିଲା। ଡିଫଲ୍ଟ ଇଜ୍ ଡିଜିଟାଲ୍ ଚଳିତ ବର୍ଷ କ୍ୱିଜ୍‌ର ବିଷୟବସ୍ତୁ ଥିଲା। ସାରା ବିଶ୍ୱରେ ଟେକ୍ନୋଲୋଜି ଟ୍ରେଣ୍ଡ ନେଇ ସୁଯୋଗକୁ ପ୍ରଦର୍ଶନ କରିବା କ୍ୱିଜ୍ ପ୍ଲାଟ୍‌ଫର୍ମର ମୂଳ ଉଦ୍ଦେଶ୍ୟ। ଏହି କ୍ୱିଜ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ ଏଭଳି ଟେକ୍ନୋଲୋଜିକୁ ବୁଝିବା ସହ ଭବିଷ୍ୟତରେ ଲାଭାନ୍ୱିତ ହେବେ। ଲିଖିତ ପ୍ରାଥମିକ ରାଉଣ୍ଡର ଟପ୍ ୬ଟି ଟିମ୍ ଆଂଚଳିକ ଫାଇନାଲ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଆଂଚଳିକ ଫାଇନାଲ୍‌ରେ ୫ ରାଉଣ୍ଡ କ୍ୱିଜ୍ ଅନୁଷ୍ଠିତ ହେବା ପରେ ସାଇ ଇଂଟରନ୍ୟାସନାଲ୍ ସ୍କୁଲର ଅକ୍ଷତ ପ୍ରନୀତ୍ ଏବଂ ସମ୍ପ୍ରୀତି ପଣ୍ଡା ବିଜେତା ଘୋଷିତ ହୋଇଛନ୍ତି। ଚଳିତ ବର୍ଷର ଆଂଚଳିକ ଚାମ୍ପିଅନ୍ ବିଜେତା ଭାବେ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ପାଇଥିବା ବେଳେ ଡିଏଭି, ୟୁନିଟ୍-୮ ସ୍କୁଲ୍‌ର ଶିବପ୍ରସାଦ ରେଡ୍ଡୀ ଏବଂ ସ୍ପନ୍ଦନ ଦାଶ ରନର୍ସ ଅପ୍ ଭାବେ ପ୍ରତ୍ୟେକ ଆଇପ୍ୟାଡ୍ ମିନି ସମେତ ଟ୍ରଫି ଓ ମେଡାଲ ପାଇଛନ୍ତି। ଲିଖିତ ପ୍ରିଲିମ୍‌ନାରୀ ରାଉଣ୍ଡ ପରେ ଆଂଚଳିକ ଫାଇନାଲ୍‌ରେ ପ୍ରବେଶ କରିଥିବା ୬ ଫାଇନାଲିଷ୍ଟଙ୍କୁ ଟିସିଏସ୍ ପକ୍ଷରୁ ସ୍ପେସ୍ ପ୍ୟାକ୍, ସେଲ୍‌ଫି ଷ୍ଟିକ୍, ଇଅର୍‌ଫୋନ୍, ବ୍ଲୁଟୁଥ୍, ସ୍ପିକର୍ ଓ ପେନ୍ ଡ୍ରାଇଭ୍ ଭଳି ବହୁ ପୁରସ୍କାର ମିଳିଛି। ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରୀୟ ଫାଇନାଲରେ ପ୍ରତିଯୋଗିତା କରିବାକୁ ବିଜୟୀ ଟିମ୍ ସହ ଜଣେ ଶିକ୍ଷକ/ପିତାମାତା ମୁମ୍ବାଇ ଯିବେ। ସମ୍ମାନିତ ଅତିଥି ଭାବେ ଆର୍ ଏନ୍ ପଲାଇ, ସ୍ୱତନ୍ତ୍ର ସଚିବ, ସୂଚନା ପ୍ରଯୁକ୍ତିବିଦ୍ୟା, ଓଡ଼ିଶା ସରକାର ଏବଂ ମନୋଜ ପଣ୍ଡା, ସେଂଟର ମୁଖ୍ୟ-ଟିସିଏସ୍ ଭୁବନେଶ୍ୱର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଟିସିଏସ୍ ଆଇଟି ଓ୍ୱିଜ୍ ଚଳିତ ବର୍ଷ ଭାରତର ୧୫ଟି ସହର ଯଥା- ଅହମ୍ମଦାବାଦ୍, ବାଙ୍ଗାଲୋର, ଭୁବନେଶ୍ୱର, ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ, ହାଇଦ୍ରାବାଦ୍, ଇନ୍ଦୋର, କୋଚି, କୋଲ୍‌କାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପୁନେ ଓ ବିଶାଖାପାଟନମ୍‌ରେ ଅନୁଷ୍ଠିତ ହେଉଛି।